ପାଠ ୯

# ପରମେଶ୍ୱରଙ୍କ ସେବକ ଶୁଦ୍ଧ ହେବା ଉଚିତ

*ଆମେ ପ୍ରତ୍ୟେକ ଦିଗରୁ ଶୁଦ୍ଧ ହେବା ଉଚିତ କାହିଁକି? (୧)*
*ଆଧ୍ୟାତିକ ଭାବରେ ଶୁଦ୍ଧ (୨) ନୈତିକ ଭାବରେ ଶୁଦ୍ଧ (୩) ମାନସିକ ରୂପେ ନିର୍ମଳ? (୪)*
*ଶାରୀରିକ ରୂପେ ନିର୍ମଳ (୫) ହେବାର ଅର୍ଥ କ'ଣ?*
*କେଉଁ ପ୍ରକାରର ଅଶୁଦ୍ଧ କଥାବାର୍ତ୍ତାରୁ ଦୂରରେ ରହିବା ଉଚିତ? (୬)*



୧· ଯିହୋବା ପରମେଶ୍ୱର ଶୁଦ୍ଧ ଓ ପବିତ୍ର ଅଟନ୍ତି। ସେ ନିଜ ଉପାସନାକାରୀଙ୍କୁ—ଆଧ୍ୟାତିକ, ନୈତିକ, ମାନସିକ ଓ ଶାରୀରିକ ଦିଗରୁ ଶୁଦ୍ଧ ରହିବା ପ୍ରତ୍ୟାଶା କରନ୍ତି। (୧ ପିତର ୧:୧୬) ଏହା ହିଁ ପରମେଶ୍ୱରଙ୍କ ଦୃଷ୍ଟିରେ ଶୁଦ୍ଧ ରହିବା ପାଇଁ ବାସ୍ତବ ଉଦ୍ୟମ। ଆମେ ଏକ ଅଶୁଦ୍ଧ ସଂସାରରେ ବାସ କରୁଛୁ। ମନ୍ଦକାମ କରିବାର ସ୍ୱାଭାବିକ ପ୍ରବୃତ୍ତି ସହିତ ଆମକୁ ସଂଗ୍ରାମ କରିବାକୁ ହେବ। କିନ୍ତୁ ଆମକୁ ହାର ମାନିବା ଉଚିତ ନୁହେଁ।

୨· *ଆଧ୍ୟାତିକ ଶୁଦ୍ଧତା:* ଯଦି ଆମେ ଯିହୋବାଙ୍କୁ ସେବା କରିବାକୁ ଚାହୁଁ, ତେବେ ମିଥ୍ୟାଧର୍ମର କୌଣସି ଶିକ୍ଷା କିମ୍ବା ପ୍ରଥାକୁ ଗ୍ରହଣ କରି ପାରିବା ନାହିଁ। ଆମେ ମିଥ୍ୟା ଧର୍ମରୁ ଦୂରେଇ ରହିବା ଓ ତାହାକୁ କୌଣସି ପ୍ରକାରେ ସମର୍ଥନ କରିବା ଉଚିତ ନୁହେଁ। (୨ କରିନ୍ଥୀୟ ୬:୧୪-୧୮; ପ୍ରକାଶିତ ବାକ୍ୟ ୧୮:୪) ଆମେ ପରମେଶ୍ୱରଙ୍କ ସତ୍ୟ ବିଷୟରେ ଥରେ ଶିକ୍ଷାଗ୍ରହଣ କଲାପରେ, ମିଥ୍ୟା ଧର୍ମର ପଥଭ୍ରଷ୍ଟ ଶିକ୍ଷା ପ୍ରତି ସାବଧାନ ରହିବା ଉଚିତ।—୨ ଯୋହନ ୧୦, ୧୧·

୩· *ନୈତିକ ଶୁଦ୍ଧତା:* ଯିହୋବା ଚାହାଁନ୍ତି, ତାଙ୍କ ଉପାସକ ମାନେ ସର୍ବଦା ପ୍ରକୃତ ଖ୍ରୀଷ୍ଟୀୟାନ ଭଳି ଜୀବନ ନିର୍ବାହ କରନ୍ତୁ। (୧ ପିତର ୨:୧୨) ଆମେ ଯାହାକିଛି କରୁଁ,

ଏପରିକି ଗୁପ୍ତ ଭାବରେ ଯାହାକରୁଁ ସେ ସବୁ ଦେଖନ୍ତି। (ଏବ୍ରୀ ୪:୧୩) ଯୌନଗତ ଅନୈତିକତା ଓ ଅନ୍ୟାନ୍ୟ ଅଶୁଦ୍ଧ ଅଭ୍ୟାସସବୁ ଆମକୁ ପରିହାର କରିବା ଉଚିତ। —୧ କରିନ୍ଥୀୟ ୬:୯-୧୧.

୪. *ମାନସିକ ନିର୍ମଳତା:* ଯଦି ଆମେ ନିଜ ମନକୁ ନିର୍ମଳ, ବିଶୁଦ୍ଧ ବିଚାରରେ ପୂର୍ଣ୍ଣ କରୁଁ, ତେବେ ଆମର ଆଚରଣ ମଧ୍ୟ ଶୁଦ୍ଧ ହେବ। (ଫିଲିପ୍‌ପୀୟ ୪:୮) କିନ୍ତୁ ଯଦି ଆମର ଅଶୁଦ୍ଧ ବିଷୟରେ ମନ ରହେ, ତାହେଲେ ଏହାର ପରିଣାମ ଦୁଷ୍କର୍ମ ହେବ। (ମାଥିଉ ୧୫:୧୮-୨୦) ଯେଉଁ ମନୋରଞ୍ଜନ ଆମ ମନକୁ ମଳିନ କରନ୍ତି, ତାଠାରୁ ଦୂରରେ ରହିବା ଉଚିତ। ଆମେ ପରମେଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବା ଦ୍ୱାରା ନିଜ ମନକୁ ଶୁଦ୍ଧ ବିଚାରରେ ପୂର୍ଣ୍ଣ କରି ପାରିବା।

୫. *ଶାରୀରିକ ନିର୍ମଳତା:* ଖ୍ରୀଷ୍ଟୀୟାନମାନେ ନିଜ ଶରୀର ଓ ବସ୍ତ୍ର ନିର୍ମଳ ରଖିବା ଉଚିତ କାରଣ ସେମାନେ ପରମେଶ୍ୱରଙ୍କ ପ୍ରତିନିଧିତ୍ୱ କରନ୍ତି। ଶୌଚାଳୟ ବ୍ୟବହାର ପରେ, ଖାଦ୍ୟ ଖାଇବା ପୂର୍ବରୁ ଓ କୌଣସି ଖାଦ୍ୟପଦାର୍ଥ ଧରିବା ପୂର୍ବରୁ ଆମର ହାତ ଧୋଇବା ଉଚିତ। ଯଦି ଆପଣଙ୍କ ଘରେ ମଇଳା ନିଷ୍କାସନର ଯଥାଯଥ ବ୍ୟବସ୍ଥା ନ ଥାଏ, ତେବେ ବର୍ଜ୍ୟବସ୍ତୁକୁ ପୋତି ଦେବା ଉଚିତ। (ଦ୍ୱିତୀୟ ବିବରଣ ୨୩:୧୨, ୧୩) ଶାରୀରିକ ନିର୍ମଳତା ଉତ୍ତମ ସ୍ୱାସ୍ଥ୍ୟର ପରିପୋଷକ। ଜଣେ ଖ୍ରୀଷ୍ଟିୟାନଙ୍କ ଘର ବାହାର ଓ ଭିତର ସଫା ସୁତୁରା ରହିବା ଉଚିତ। ସମାଜରେ ତାହା ଗୋଟିଏ ଆଦର୍ଶ ଉଦାହରଣଭାବେ ଦେଖାଯିବା ଉଚିତ।

୬. *ଶୁଦ୍ଧ କଥା:* ପରମେଶ୍ୱରଙ୍କ ସେବକ ସର୍ବଦା ସତ୍ୟ କହିବା ଉଚିତ। ମିଥ୍ୟାବାଦୀ ପରମେଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରି ପାରିବେ ନାହିଁ। (ଏଫିସୀୟ ୪:୨୫; ପ୍ରକାଶିତ ବାକ୍ୟ ୨୧:୮) ଖ୍ରୀଷ୍ଟୀୟାନମାନେ ଖରାପ ଭାଷା ବ୍ୟବହାର କରନ୍ତି ନାହିଁ। ସେମାନେ ଅଶ୍ଲୀଳ ଓ ଅସହ୍ୟ କଥା ଶୁଣନ୍ତି ନାହିଁ କିମ୍ବା କହନ୍ତି ନାହିଁ। ପରିମାର୍ଜିତ କଥାଭାଷା ପାଇଁ ସେମାନେ ନିଜର କାର୍ଯ୍ୟ-ସ୍ଥଳରେ, ବିଦ୍ୟାଳୟରେ ଓ ପଡ଼ୋଶୀଙ୍କ ପାଖରେ ସ୍ପଷ୍ଟ ଭାବରେ ଭିନ୍ନ ଦେଖାଯାଆନ୍ତି।—ଏଫିସୀୟ ୪:୨୯, ୩୧; ୫:୩.

*ପରମେଶ୍ୱରଙ୍କ ସେବକମାନେ ସବୁ କ୍ଷେତ୍ରରେ ଶୁଦ୍ଧ ହେବା ଉଚିତ।*



